# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 November - 2024

### News Editor : Itishree Singh Rathaur

************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆଗାମୀ ୫ ବର୍ଷରେ ୫ ଲକ୍ଷ କୋଟିର ପୁଞ୍ଜିନିବେଶ ପାଇଁ ରହିଛି ଯୋଜନା : କହିଲେ ମୁଖ୍ୟମନ୍ତ୍ରୀ ।

  - ମୁଖ୍ୟମନ୍ତ୍ରୀଙ୍କ ଆଜିଠୁ ୫ ଦିନିଆ ସିଙ୍ଗାପୁର ଗସ୍ତ ।

- ସମ୍ବଲପୁର, ବ୍ରହ୍ମପୁର ଏବଂ ବାଲେଶ୍ୱରରେ ଓମ୍‌ଫେଡ୍‌ର ଡାଏରୀ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ସୂଚନା ଦେଲେ : ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ।

- ଆଜି ପାଳନ କରାଯାଉଛି ଜାତୀୟ ପ୍ରେସ୍ ଦିବସ । ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ।

ଏବଂ

- ୧୪ତମ ଜାତୀୟ ବରିଷ୍ଠ ହକି ଚାମ୍ପିଆନ୍‌ସିପ୍ ଟାଇଟଲ୍ ହାସଲ ପାଇଁ ଓଡ଼ିଶା ଓ ହରିୟାଣା ମଧ୍ୟରେ ଆଜି ହେବ ମୁକାବିଲା ।

*BBSR*

# ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତ

ରାଜ୍ୟକୁ ବିଦେଶୀ ପୁଞ୍ଜିନିବେଶ ଆକୃଷ୍ଟ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜିଠାରୁ ୫ ଦିନିଆ ସିଙ୍ଗାପୁର ଗସ୍ତରେ ଯାଇଛନ୍ତି । ଭୁବନେଶ୍ୱର ବିମାନ ବନ୍ଦରରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ମାଝି କହିଛନ୍ତି ସେମିକଣ୍ଡକ୍ଟର, ପେଟ୍ରୋକେମିକାଲ୍ସ, ରସାୟନ, ଜାହାଜ ନିର୍ମାଣ, ଆର୍ଥିକ ସେବା, ସବୁଜ ଶକ୍ତି ଏବଂ ଇଲେକ୍ଟ୍ରୋନିକ୍ସ ଆଦି କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶ ପାଇଁ ପଦକ୍ଷେପ ନିଆଯିବ । ଆଗାମୀ ୫ ବର୍ଷରେ ରାଜ୍ୟରେ ୫ ଲକ୍ଷ କୋଟିର ପୁଞ୍ଜିନିବେଶ ପାଇଁ ସରକାର ଯୋଜନା କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ଶିଳ୍ପ ଏବଂ ବ୍ୟବସାୟ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ ସହିତ ନିଯୁକ୍ତି ସୁଯୋଗ ସୃଷ୍ଟିକରି ବିକଶିତ ଓଡ଼ିଶା ନିର୍ମାଣ ପାଇଁ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ମୁଖ୍ୟମନ୍ତ୍ରୀ ଦୋହରାଇଛନ୍ତି ।

## - V/O -

ଗସ୍ତକାଳରେ ମୁଖ୍ୟମନ୍ତ୍ରୀ ନିବେଶକମାନଙ୍କ ସହ ଆଲୋଚନା କରି ଶିଳ୍ପପତି ଓ ବାଣିଜ୍ୟିକ ପ୍ରତିନିଧିମାନଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିବେ ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଆସନ୍ତାବର୍ଷ ଜାନୁଆରୀ ୨୮

ଓ ୨୯ରେ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ର ଆୟୋଜନ ହେବ । ମିଶନ ଉତ୍କର୍ଷ ଓଡ଼ିଶା ଦ୍ୱାରା ସିଙ୍ଗାପୁରରେ ଶିଳ୍ପ ବିଭାଗ ପକ୍ଷରୁ ଏକ ରୋଡ଼ ଶୋ' ଆୟୋଜନ କରାଯିବ ।

***HS***

## ଓମ୍‌ଫେଡ୍ ଡାଏରୀ ପ୍ଲାଣ୍ଟ ପ୍ରତିଷ୍ଠା

ସମ୍ବଲପୁର, ବ୍ରହ୍ମପୁର ଏବଂ ବାଲେଶ୍ୱରରେ ଓମ୍‌ଫେଡ୍‌ର ଡାଏରୀ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ ବୋଲି ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ଭୁବନେଶ୍ୱର ସହିଦନଗରସ୍ଥିତ ଓମ୍‌ଫେଡ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ନୂଆ ଡାଏରୀ ପ୍ଲାଣ୍ଟ ପାଇଁ ଡିପିଆର୍ ପ୍ରସ୍ତୁତ ହୋଇସାରିଛି । ଓମ୍‌ଫେଡ୍ ପ୍ରସ୍ତୁତ ପାଣି, ଚକଲେଟ୍ ଏବଂ ଆଇସକ୍ରିମ୍ ବଜାରକୁ ଆଣିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି । ସେହିଭଳି ପଞ୍ଚାୟତଗୁଡ଼ିକରେ ଓମ୍‌ଫେଡ୍ ପାର୍ଲର ଖୋଲିବାର ମଧ୍ୟ ବ୍ୟବସ୍ଥା ହୋଇଛି । ଏପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତରେ ୨୦ଟି କ୍ଷୀରଧାରା କେନ୍ଦ୍ର କାର୍ଯ୍ୟ କରୁଛି । ବଜାରରେ ଓମ୍‌ଫେଡ୍‌ର ୨ କୋଟି ଟଙ୍କା ବକେୟା ରାଶି ପଡ଼ିରହିଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ସୂଚନା ଦେବାସହ ସେଥିରୁ ୮୨ ଲକ୍ଷ ଟଙ୍କା ଆଦାୟ ହୋଇଛି ବୋଲି କହିଛନ୍ତି । ତେବେ ସପ୍ତାହକ ମଧ୍ୟରେ ବକେୟା ପ୍ରାପ୍ୟ ଆଦାୟ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ରାଜ୍ୟର ଦୁଗ୍ଧଚାଷୀଙ୍କ ପାଇଁ ଖୁବ୍‌ଶୀଘ୍ର ଡିବିଟି ବ୍ୟବସ୍ଥା ଲାଗୁ କରାଯିବ ବୋଲି ସେ କହିଛନ୍ତି ।

**- V/O -**

ଏହି ଅବସରରେ ଓମ୍‌ଫେଡ ପରିସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଚାରାରୋପଣ କରିଥିଲେ।

***Puri***

## ରାଷ୍ଟ୍ରଦୂତଙ୍କ ଗସ୍ତ

୨୦ଟି ଦେଶର ରାଷ୍ଟ୍ରଦୂତ ଆଜି ପୁରୀ ଜିଲ୍ଲା କୋଣାର୍କ ସୂର୍ଯ୍ୟମନ୍ଦିର ଓ ବାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। କୋଣାର୍କ ସୂର୍ଯ୍ୟମନ୍ଦିରର କଳାଭାସ୍କର୍ଯ୍ୟ ତାଙ୍କୁ ଆକର୍ଷିତ କରିଥିଲା। ଏଭଳି ଭାସ୍କର୍ଯ୍ୟ ଅଭୂତପୂର୍ବ ଏବଂ ଚିରସ୍ମରଣୀୟ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ଆମ ପୁରୀ ପ୍ରତିନିଧି କହିଛନ୍ତି ରାଷ୍ଟ୍ରଦୂତଙ୍କ ଗସ୍ତକୁ ନେଇ ଜିଲ୍ଲାପ୍ରଶାସନ ଏବଂ ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

***Desk + Bhadrak, Subarnapur, Nuapada***

# ଜାତୀୟ ପ୍ରେସ୍ ଦିବସ

ଜାତୀୟ ପ୍ରେସ୍ ଦିବସ ଆଜି ପାଳନ କରାଯାଉଛି। ୧୯୬୬ ମସିହା ଆଜିର ଦିନରେ କେନ୍ଦ୍ର ସରକାର ଭାରତୀୟ ପ୍ରେସ୍ କାଉନ୍‌ସିଲ ଗଠନ କରିଥିଲେ। ସମ୍ବାଦପତ୍ର ହେଉଛି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଏବଂ ପ୍ରେସ୍ କାଉନ୍‌ସିଲ ହେଉଛି ସମ୍ବାଦପତ୍ରଗୁଡ଼ିକର ନୈତିକ ପ୍ରହରୀ। ସମ୍ବାଦପତ୍ରଗୁଡ଼ିକ ଉପରେ ନଜର ରଖିବା ସହ ଆବଶ୍ୟକ ପଡିଲେ ପରାମର୍ଶ, ସମୀକ୍ଷା ଏବଂ ବିବାଦୀୟ ସମ୍ବାଦ ପ୍ରସାରଣ ଉପରେ ବିଚାର

କରି ନୈତିକ ଯାଞ୍ଚକର୍ତ୍ତା ଭାବେ ପ୍ରେସ୍ କାଉନ୍‌ସିଲ କାମ କରୁଛି । ପ୍ରେସ୍‌ର ସ୍ୱାଧୀନତାକୁ ବଜାୟ ରଖିବା ଦିଗରେ ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ କାମ କରୁଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ' ।

ଏହି ଦିବସ ଅବସରରେ ରାଜ୍ୟପାଳଙ୍କ ରଘୁବର ଦାସ ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛା ପ୍ରଦାନ କରିବା ସହ ପ୍ରେସ୍‌ର ସ୍ୱାଧୀନତା ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ବିଭିନ୍ନ ଆହ୍ୱାନକୁ ମୁକାବିଲା କରି ସତ୍ୟକୁ ସାମ୍ନାକୁ ଆଣୁଥିବା ସାମ୍ବାଦିକଙ୍କ ଉତ୍ସର୍ଗୀକୃତ କାର୍ଯ୍ୟକୁ ଉଚ୍ଚପ୍ରଶଂସା କରିଛନ୍ତି ।

ସେହିଭଳି ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ପ୍ରେସ୍ ଦିବସ ଅବସରରେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆଜି ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷଠାରେ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି । ଏଥିରେ ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ତଥା ପତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ ପ୍ରେସ୍‌ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଗଣମାଧ୍ୟମର

ସ୍ୱାଧୀନତା ଉପରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ସାମ୍ବାଦିକ ଜଗବନ୍ଧୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

ଭୁବନେଶ୍ୱର ଜୟଦେବ ଭବନଠାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଆଜି ଅପରାହ୍ଣରେ ଏହି ଦିବସ ପାଳନ ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବେ । ଏଥିରେ ରାଜ୍ୟପାଳ ରଘୁବର ଦାଶ ମୁଖ୍ୟ ଅତିଥି ଏବଂ ବାଚସ୍ପତି ସୁରମା ପାଢ଼ୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଭଦ୍ରକ ସଂସ୍କୃତି ଭବନଠାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ସମାରୋହ ଅନୁଷ୍ଠିତ ହୋଇଛି । ଏଥିରେ ଗଣମାଧ୍ୟମର ପରିବର୍ତ୍ତିତ ପରିସ୍ଥିତି ଏବଂ ଗଠନମୂଳକ ସମ୍ବାଦ ପରିବେଷଣ ଉପରେ ଆଲୋଚନା ହୋଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଛି । ଏଥିରେ ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ ପ୍ରସଙ୍ଗ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।

ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ସମାଜରେ ସମନ୍ୱୟ ସ୍ଥାପନରେ ପ୍ରେସ୍‌ର ଭୂମିକା ଉପରେ ଆଲୋକପାତ କରିଥିଲେ । ଏଥିରେ ସମାଜର ବିଭିନ୍ନ ବର୍ଗର ଲୋକ ଯୋଗଦେଇଥିଲେ ।

ବଲାଙ୍ଗୀର ଜିଲ୍ଲା ସାମ୍ବାଦିକ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରବ ଶିବାଜୀ କିସଲୱାର ଯୋଗଦେଇ ଗଣମାଧ୍ୟମର ପରିବର୍ତ୍ତିତ ସ୍ଥିତି ଏବଂ ମୌଳିକତା ବଜାୟ ଉପରେ ଆଲୋକପାତ କରିଥିଲେ । ଏଥିରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ସାମ୍ବାଦିକଗଣ ଉପସ୍ଥିତ ଥିଲେ ।

ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅବସରରେ ଆୟୋଜିତ ସମାରୋହରେ ଜିଲ୍ଲାପାଳ ଭାସ୍କର ରଇତ ଯୋଗଦେଇ ପ୍ରେସ୍‌ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏଥିରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ବିଭିନ୍ନ ସାମ୍ବାଦିକ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ ।

***Debagarh***

## ଗୟଳ ଗଣନା

ଦେବଗଡ଼ ଜିଲ୍ଲା ଦେବ୍ରିଗଡ଼ ଅଭୟାରଣ୍ୟରେ ପ୍ରଥମ ଥର ପାଇଁ ଗୟଳ ବା ଇଣ୍ଡିଆନ ବାଇସନ୍ ଗଣନା ହୋଇଛି । ଲକ୍ଷନପୁର ଏବଂ କମଗାଁ ରେଞ୍ଜର ୨୬ଟି ବିଟ୍ ଅଞ୍ଚଳରେ ଗତ ୧୨ ଏବଂ ୧୩ ତାରିଖ ଦୁଇଦିନ

ଧରି ଗଣନା କରାଯାଇଥିଲା । ୧୧୪ ଜଣ ୫୩ଟି ଦଳରେ ବିଭକ୍ତ ହୋଇ ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ ।

***Desk***

## ସ୍ପଟ୍ ନାମଲେଖା ଆବେଦନ ପ୍ରକ୍ରିୟା

ସ୍ନାତକ, ସ୍ନାତକୋତ୍ତର ଏବଂ ଦୁଇବର୍ଷିଆ ବି.ଏଡ୍ ଏବଂ ଏମ୍.ଏଡ୍ ପାଠ୍ୟକ୍ରମରେ ସ୍ପଟ୍ ନାମଲେଖା ଆବେଦନ ପ୍ରକ୍ରିୟା ଗତକାଲି ଶେଷ ହୋଇଛି । ଉଚ୍ଚଶିକ୍ଷା ବିଭାଗ ଅଧିନରେ ଥିବା ମହାବିଦ୍ୟାଳୟଗୁଡ଼ିକରେ ୭୦ ହଜାର ୪୨୦ଟି ସ୍ନାତକ ପାଠ୍ୟକ୍ରମରେ, ୭ ହଜାର ୫୮୪ଟି ସ୍ନାତକୋତ୍ତର ପାଠ୍ୟକ୍ରମରେ ସିଟ୍ ଖାଲି ପଡ଼ିଛି । ସେହିଭଳି ବି.ଏଡ୍ ଏବଂ ଏମ୍.ଏଡ୍ ଓ ବିଏଚ୍.ଏଡ୍ ପାଠ୍ୟକ୍ରମରେ ୫୬ଟି ସିଟ୍ ଖାଲି ପଡ଼ିଥିବା ଜଣାପଡ଼ିଛି । ଏହି ସିଟ୍‌ଗୁଡ଼ିକ ପୂରଣ ପାଇଁ ମେଧା ତାଲିକା ଆସନ୍ତା ୧୯ ତାରିଖ ଦିନ ପ୍ରକାଶ ପାଇବ । ୨୧ ତାରିଖରୁ ନାମଲେଖା ଆରମ୍ଭ ହୋଇ ୨୮ ତାରିଖ ସୁଦ୍ଧା ଶେଷ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି । ନାମଲେଖା ଶେଷ ହେବାପରେ ଶିକ୍ଷାନୁଷ୍ଠାନଗୁଡ଼ିକ ସାମ୍ସ ଇ ସ୍ପେସ୍‌ରେ ନାମଲେଖା ସଂକ୍ରାନ୍ତ ତଥ୍ୟ ଦାଖଲ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

## ହକି ଚାମ୍ପିଆନ୍‌ସିପ୍ ପ୍ରତିଯୋଗିତା

୧୪ତମ ଜାତୀୟ ବରିଷ୍ଠ ପୁରୁଷ ହକି ଚାମ୍ପିଆନ୍‌ସିପ୍ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ ଆଜି ଓଡ଼ିଶା ଓ ହରିଆନା ମଧ୍ୟରେ ଅପରାହ୍ଣ ୪ଟାରେ ଖେଳାଯିବ । ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନାଇଠାରେ ଚାଲିଥିବା ଏହି

ପ୍ରତିଯୋଗିତାରେ ଗତକାଲିର ସେମିଫାଇନାଲରେ ଓଡ଼ିଶା ମଣିପୁରକୁ ୪-୨ ଗୋଲରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ଦ୍ୱିତୀୟ ସେମିଫାଇନାଲରେ ହରିଆନା ଉତ୍ତରପ୍ରଦେଶକୁ ୩-୨ ଗୋଲରେ ପରାସ୍ତ କରି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।

***Desk***

## ତାପମାତ୍ରା ହ୍ରାସ

ରାଜ୍ୟରେ ଗତ କିଛିଦିନ ଧରି ପାଗ ଶୁଖିଲା ରହିଥିବାବେଳେ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆଜିଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ଏଥିସହ କ୍ରମଶଃ ଶୀତର ପ୍ରକୋପ ବୃଦ୍ଧି ପାଇବ।